# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**5 October – 2025**

# ମେଢ଼-ଅନୁଦାନ

ରାଜ୍ୟ ସରକାର ଚଳିତବର୍ଷ ପ୍ରଥମଥର ପାଇଁ ଦଶହରା ଦୁର୍ଗା ମେଢ଼ ଗୁଡ଼ିକୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସମୁଦାୟ୧ ହଜାର ୮୫ଟି ଦୁର୍ଗା ମେଢ଼କୁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ।

# କୃଷି ଓଡ଼ିଶା ସମାବେଶ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କୃଷି ଓଡ଼ିଶା ୨୦୨୫-୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆସନ୍ତାବର୍ଷଠାରୁ ପ୍ରତିବର୍ଷ ଜାନୁଆରୀ ମାସରେ କୃଷି ଓଡ଼ିଶା ସମାବେଶର ଆୟୋଜନ ହେବ । କୃଷି ଓଦ୍ୟୋଗୀ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମିଶନଶକ୍ତିର ସଦସ୍ୟମାନଙ୍କ ଦ୍ୱାରା ୨୫୦ରୁ ଅଧିକ ଷ୍ଟଲ୍ ପ୍ରଦର୍ଶନ କରାଯିବା ସହ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସମାବେଶରେ ଯୋଗଦେବେ । ଆସନ୍ତା ବର୍ଷ ଜାନୁଆରୀ ମାସ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ ।

# ବୈଠକ

ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ପ୍ରଥମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଅଧକ୍ଷ ଶ୍ରୀ ଆହୁଜା କହିଛନ୍ତି, ଆଗାମୀ ଦିନରେ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ଏହାର ବିକାଶ ଦିଗରେ ନିଜକୁ ସାମିଲ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ବୈଠକରେ ଐତିହ୍ୟ ବିଦ୍ୟାଳୟ ଅଧୀନରେ ରାଜ୍ୟର ୫୧ଟି ସର୍ବପୁରାତନ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଅନୁମୋଦନ ମିଳିଛି ।

# ବାଲିଯାତ୍ରା-ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ଉନ୍ନୟନ କମିଶନର ଅନୁଗର୍ଗ ଐତିହାସିକ କଟକ ବାଲିଯାତ୍ରାର ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଛନ୍ତି । ଶ୍ରୀମତୀ ଗର୍ଗ ଦର୍ଶକମାନଙ୍କ ସୁବିଧା ଏବଂ ସୁରକ୍ଷାକୁ ଗୁରୁତ୍ୱଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସୂଚନା ଅନୁସାରେ ଆସନ୍ତା ମାସ ୫ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ଲଟ ପଞ୍ଜୀକରଣ ଚାଲିବ । ୧୩ ତାରିଖରୁ ନିଲାମ ପ୍ରକ୍ରିୟା ଆରମ୍ଭ ହେବ ।

# ବାଜି ରାଉତ ଜୟନ୍ତୀ

ରାଜ୍ୟରେ ଆଜି ଶହୀଦ ବାଜି ରାଉତଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି । ଢେଙ୍କାନାଳ ଜିଲ୍ଲାସ୍ଥିତ ନୀଳକଣ୍ଠପୁର ଶହୀଦ ବାଜିରାଉତଙ୍କ ଜନ୍ମସ୍ଥଳୀରେ ଆଜି ରାଜ୍ୟସ୍ତରୀୟ ଶତବାର୍ଷିକୀ ଜୟନ୍ତୀ ସମାରୋହର ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀ ଓ ବିଧାୟକମାନେ ଯୋଗ ଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

---

# ବାଚସ୍ପତିଙ୍କ ଗସ୍ତ

ବାଚସ୍ପତି ସୁରମା ପାଢ଼ୀ ୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ଆଜିଠାରୁ ୧୯ ତାରିଖ ପର୍ଯ୍ୟନ୍ତ ବିଦେଶ ଗସ୍ତରେ ଯାଉଛନ୍ତି । ବାଚସ୍ପତି ଲଣ୍ଡନ, ବାର୍‌ବାଡୋସ୍, ସ୍ୱୀଜରଲ୍ୟାଣ୍ଡ ଏବଂ ପ୍ୟାରିସ୍‌ରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ।

---

# ଦକ୍ଷତା ପ୍ରୟୋଗଶାଳା

ଝାରସୁଗୁଡ଼ାସ୍ଥିତ କିର୍‌ମିରାଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଦକ୍ଷତା ପ୍ରୟୋଗଶାଳାକୁ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରୟୋଗଶାଳା କୃଷି ଏବଂ ଅଟୋମୋଟିଭ୍ ବାଣିଜ୍ୟ ଉପରେ ପର୍ଯ୍ୟବେସିତ । ଏହି ଅବସରରେ ଶ୍ରୀ ଓରାମ ଜନଜାତି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଦକ୍ଷତା ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ ।

---

# ବାୟୋମେଟ୍ରିକ୍

ଭାରତୀୟ ଏକକ ପରିଚୟ ପ୍ରାଧିକରଣ-ୟୁ.ଆଇ.ଡି.ଏ.ଆଇ. ୭ ବର୍ଷରୁ ୧୫ ବର୍ଷ ବୟସର ପିଲାମାନଙ୍କ ପାଇଁ ଆଧାର ବାୟୋମେଟ୍ରିକ୍ ସଂଶୋଧନ ଦେୟ ଛାଡ଼ କରିଛନ୍ତି । ଏହାଦ୍ୱାରା ୬ କୋଟି ଶିଶୁ ଉପକୃତ ହେବେ । ଦେୟ ଛାଡ଼ ଚଳିତମାସ ୧ ତାରିଖରୁ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ।

---

# ହେଲ୍‌ମେଟ୍

ବ୍ରହ୍ମପୁର ମହାନଗର ନିଗମର କମିଶନର କର୍ମଚାରୀମାନଙ୍କ ହେଲ୍‌ମେଟ୍ ପରିଧାନକୁ ବାଧ୍ୟତାମୂଳକ କରିଛନ୍ତି । କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଏ ସଂପର୍କରେ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିଛନ୍ତି । ନିର୍ଦ୍ଦେଶନାମା ଖିଲାପକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବ ବୋଲି ଶ୍ରୀ ରାଜସିର୍କେ କହିଛନ୍ତି ।

---

# ସଡ଼କ ସୁରକ୍ଷା ବୈଠକ

କଳାହାଣ୍ଡିରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଦୁର୍ଘଟଣା ହ୍ରାସ ଦିଗରେ ଜନସଚେତନତା ସୃଷ୍ଟି ନେଇ ବୈଠକରେ ଆଲୋଚନା ହୋଇଥିଲା ।

---

# ଶିକ୍ଷକ ଦିବସ

ସମାଜ ପ୍ରତି ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ମନେପକାଇ ଆଜି ବିଶ୍ୱ ଶିକ୍ଷକ ଦିବସ ପାଳନ କରାଯାଉଛି । ୧୯୯୪ ମସିହାରୁ ଅକ୍ଟୋବର ୫ ତାରିଖକୁ ପ୍ରତିବର୍ଷ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରିବା ଲାଗି ୟୁନେସ୍କୋ ପକ୍ଷରୁ ଘୋଷଣା କରାଯାଇଥିଲା । ଚଳିତବର୍ଷ **ଶିକ୍ଷାଦାନକୁ ଏକ ସହଯୋଗୀ ବୃତ୍ତି ଭାବରେ ପୁନଃସ୍ଥାପନା କରିବା** ଏହି ଦିବସର ବାର୍ତ୍ତା ରହିଛି ।

---

# ଜଳପ୍ରପାତ ବନ୍ଦ

କଳାହାଣ୍ଡି ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଚାଷକାର୍ଯ୍ୟ ଏବଂ ଯାତାୟାତ ବାଧାପ୍ରାପ୍ତ ହୋଇଛି । କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଫୁର୍ଲିଝରନ୍ ଜଳପ୍ରପାତରେ ଅଧିକ ବର୍ଷା ଜଳ ଜମି ରହିଥିବାରୁ ପର୍ଯ୍ୟଟକଙ୍କ ପାଇଁ ଜଳପ୍ରପାତକୁ  ଆଜି ଦୁଇଦିନ ପାଇଁ ବନ୍ଦ ରଖାଯାଇଛି ବୋଲି କର୍ଲାପାଟ ବନଅଧିକାରୀ ସୂଚନା ଦେଇଛନ୍ତି । କର୍ଲାପାଟ ଅଭୟାରଣ୍ୟସ୍ଥିତ ଜାକମ୍ ଇକୋ କଟେଜ୍ ମଧ୍ୟ ଦୁଇଦିନ ପାଇଁ ବନ୍ଦ ରଖାଯାଇଛି ।

---

# ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ  ସତର୍କ ସୂଚନା ଜାରି କରାଯାଇଛି ।

---